# Akashvani, Sambalpur

## SAMBALPURI NEWS EVENING BULLETIN

## 12 July 2024- 7.02 pm- 7.12 pm.

**********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ହେଲା ରଥମାନ୍‌କର୍ ଦକ୍ଷିଣମୋଡ଼ ।

- ଶ୍ରୀଗୁଣ୍ଡିଚା ମନ୍ଦିର୍‌ର ନାକଚଣା ଦ୍ୱାର ଆଗାଡ଼େ ଲାଗ୍‌ଲା ଦର୍ପଦଳନ ଆର୍ ତାଳଧ୍ୱଜ ରଥ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ବସ୍‌ଲା ପ୍ରାକ୍ ବଜେଟ୍ ପରାମର୍ଶ ସଭା ।

୩- ରଥ ଉପର୍‌କେ ମୋବାଇଲ୍ ନିଷେଧ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

ଆଉର୍

୪- ଡେଙ୍ଗୁ, ମେଲେରିଆ ରୋଗ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ସବୁ ବିଭାଗ୍‌କେ ଚିଠି ଲେଖ୍‌ଲେ ମୁଖ୍ୟ ଶାସନ୍ ସଚିବ ।

ରଥ ଦକ୍ଷିଣ ମୋଡ଼          ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ନ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ସିଂହଦୁଆର ଆଗାଡ଼େ ଥିବା ମାହାପୁରୁମାନ୍କର୍ ତିନ୍ହି ରଥର ଆଏଜ୍ ଦକ୍ଷିଣ ମୋଡ଼ ନୀତି ହେଇଛେ । ମାହାପୁରୁଙ୍କର୍ ଆଜ୍ଞାମାଳ ଆସ୍ବାର୍ ଉତ୍ରୁ ପହେଲା ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ଆର୍ ତାର୍ ଉତ୍ରୁ ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚାଯାଇକରି ଦକ୍ଷିଣ ମୋଡ଼ କରାଯାଇଥିଲା । ଇ ଦୁହି ରଥ ସଞ୍ଜ୍‌ବେଲ୍‌ତକ୍ ଗୁଣ୍ଡିଚା ମନ୍ଦିର୍‌ର ନାକଚଣା ଦ୍ୱାର ଆଗାଡ଼େ ପହଁଚିଛେ । ସେନ୍ତା ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଆଏବା କାଏଲ୍ ଘିଚାଯାଇକରି ଦକ୍ଷିଣମୋଡ଼ କରାଯିବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୫ ତାରିଖ୍‌ଦିନ ମାହାପୁରୁଙ୍କର୍ ବାହୁଡ଼ା ଯାତ୍ରା ହେବା । ନାକଚଣା ଦ୍ୱାର ଦେଇକରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥକେ ନିଆଯିବା ।

ପ୍ରାକ୍ ବଜେଟ୍ ପରାମର୍ଶ ସଭା          ସୂଚନା ଲୋକସମ୍ପର୍କ ବିଭାଗ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍‌ର ସମ୍ମିଳନୀ କକ୍ଷ ଠାନେ

ପ୍ରାକ୍ ବଜେଟ୍ ପରାମର୍ଶ ସଭା ହେଇଯାଇଛେ । ବୈଠକ୍‌ଥି ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ଉପସ୍ଥାପନ୍ ହେବାର୍‌କେ ଥିବା ବଜେଟ୍ ଆଉ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପ୍‌ରେ ଆଲୋଚନା ହେଇଛେ । ଇ ବୈଠକ୍‌ଥି ଭିନ୍ ଭିନ୍ ନାଗରିକ ସମାଜ୍, ବିଶେଷଜ୍ଞ ଆଉ ଭିନ୍ ଭିନ୍ କ୍ଷେତ୍ରର୍ ପ୍ରତିନିଧିଙ୍କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ । ବୈଠକ୍ ଉତ୍‌ରୁ ସାମ୍ବାଦିକ୍ ସମ୍ମିଲନୀଥି ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ସାଧାରଣ ବଜେଟ୍ ଆଏବା ୨୫ ତାରିଖ୍ ଦିନ ବିଧାନ୍‌ସଭା ନ ଉପସ୍ଥାପିତ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇଥିର୍‌ଲାଗି ଅନ୍‌ଲାଇନ୍ ଜରିଏ ଲୋକ୍‌ମାନ୍‌କର୍ ମତାମତ ସଂଗ୍ରହ କରାଯାଇଥିଲା । ଇ ମତାମତ ସଂଗ୍ରହ ଅଭିଯାନ୍‌ଥି ପାଖାପାଖି ୧୨ ହଜାର୍‌ନୁ ଅଏତ୍‌କା ଲୋକ୍ ମତାମତ ଦେଇଛନ୍ । ବଜେଟ୍ ତୟାରି ପ୍ରକ୍ରିୟାଥି ଲୋକ୍‌ମାନ୍‌କର୍ ଅଂଶଗ୍ରହଣ୍ ଆମର୍ ଲାଗି ଖୋବ୍ ଉତ୍ସାହଜନକ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବୈଠକ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ଅର୍ଥବିଭାଗ୍‌ର ପ୍ରମୁଖ ସଚିବ ଶାଶ୍ୱତ୍ ମିଶ୍ର, ଆଘର୍ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପଂଚାନନ କାନୁନ୍‌ଗୋ,

ଶଶୀଭୂଷଣ୍ ବେହେରା, ଆର୍‌ବିଆଇର ଆଂଚଳିକ୍ ନିର୍ଦ୍ଦେଶକ୍, ନାବାର୍ଡ଼ ଜେନେରାଲ୍ ମେନେଜର୍ ଆର୍ ଭିନ୍ ଭିନ୍ କ୍ଷେତ୍ରର୍ ପ୍ରାୟ ୨୬ ଝନ୍ ବିଶିଷ୍ଟ ବ୍ୟକ୍ତି ସେମାନ୍‌କର୍ ମତ ଦେଇଥିଲେ ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ-ଦାୟିତ୍ୱ ଗ୍ରହଣ୍ ପ୍ରେସ୍ ରିଲିଜ୍

ପୁରୀ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ୍ ଭାବେ ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଇତାର୍ ଉତ୍‌ରୁ ସେ ଶ୍ରୀଗୁଣ୍ଡିଚା ମନ୍ଦିର୍ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କରିଥିଲେ । ଇ ସମିଆଥି ଆଏବା ବାହୁଡ଼ାଯାତ୍ରା, ସୁନାବେଶ ଆଉ ନୀଳାଦ୍ରୀ ବିଜେ ନୀତି ଶୃଙ୍ଖଳିତ କର୍‌ବାର୍‌କେ ନେଇକରି ଶ୍ରୀମନ୍ଦିର୍ ଆଉ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀମାନ୍‌କର୍ ସହେତେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଶ୍ରୀ ପାଢ଼ୀ କହିଛନ୍ ଯେ, ରଥ ଉପ୍‌ରେ ଫଟୋ ଉଠାବାର୍ ଆର୍ ସେଲ୍‌ଫି ନେବାର୍ ଉପ୍‌ରେ କଟକ୍‌ନା ଲଗାଯାଇଛେ । ଏନ୍ତାକି ରଥ ଉପର୍‌କେ ମୋବାଇଲ୍ ଫୋନ୍ ନେବାର୍‌କେ ପୁରା ନିଷେଧ୍ କରାଯାଇଥିବାର୍ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ । ଇ ନିୟମ୍ ଖିଲାପ୍ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍

ନିଆଯିବା । ସେନ୍ତା ମାହାପୁରୁଙ୍କର୍ ସେବାଥି ସମ୍ପୃକ୍ତ ନାଇଁଥିବା ସେବାୟତ୍‌ମାନେ ରଥ ଉପର୍‌କେ ନାଇଁ ଯାଇପାରନ୍ । ଇତାର୍‌ସହେତେ ଆଡ଼ପମଣ୍ଡପ ପହଣ୍ଡି ବେଲେ ଘଟିଥିବା ଅଘଟନ୍‌ର ତଦନ୍ତ୍ ଲାଗି ଗୁଟେ କମିଟି ଗଠନ୍ କରାଯାଇଛେ । କମିଟିର୍ ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ପରବର୍ତୀ ପଦକ୍ଷେପ୍ ନିଆଯିବା । ମାହାପୁରୁମାନ୍‌କର୍ ନୀତି ଯେନ୍ତା ଶୃଙ୍ଖଲିତ୍ ଭାବେ ହେବା ସେତାର୍ ଉପ୍‌ରେ ଜୋର୍ ଦିଆଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ଖଦୀ ଆର୍ ଗ୍ରାମୋଦ୍ୟୋଗ ମନ୍ତ୍ରଣାଲୟ-ରେକର୍ଡ୍

ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର କ୍ଷୁଦ୍ର, ଲଘୁ ଆର୍ ମଧ୍ୟମ୍ ଉଦ୍ୟୋଗ ମନ୍ତ୍ରଣାଲୟ ଅଧୀନ୍‌ଥି ଥିବା ଖଦୀ ଆର୍ ଗ୍ରାମୋଦ୍ୟୋଗ ମନ୍ତ୍ରଣାଲୟ ଗଲା ଆର୍ଥିକ୍ ବଛ୍‌ରେ ଉତ୍ପାଦନ୍, ବିକ୍ରି ଆର୍ ନୂଆଁ ରୋଜ୍‌ଗାର୍ ଦେବାର୍‌ଥି ରେକର୍ଡ୍ କରିଛେ । ଆୟୋଗ୍‌ର ଆକଲନ୍ ଅନ୍‌ସାରେ ପହେଲା ଥର୍ ଲାଗି ଖଦୀ ଆଉ ଗ୍ରାମୋଦ୍ୟୋଗ ଆୟୋଗ ଘିନାବିକା କ୍ଷେତ୍ର ନ ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୧ କୋଟି ୫୫ ଲାଖ୍ ଟଙ୍କା ପାର୍ କରିଛେ । ସେନ୍ତା ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଆୟୋଗ୍‌ର ଉଦ୍ୟମ୍‌ଥି

ଗ୍ରାମାଂଚଲ୍ ନ ୧୦ ଲାକ୍ ୧୭ ହଜାର୍ ନୂଆଁ ରୋଜ୍‌ଗାର୍ ସୃଷ୍ଟି ହେଇଛେ । ଆୟୋଗ୍‌ର ଅଧ୍ୟକ୍ଷ ମନୋଜ୍ କୁମାର୍ ଇ ସଫଲତା ବାବ୍‌ଦେ କହିଛନ୍ ଯେ, ଖଦୀ ସାମଗ୍ରୀ ଉପ୍‌ରେ ଲୋକ୍‌ମାନ୍‌କର୍ ବିଶ୍ୱାସ୍ ବଢୁଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ମେକ୍ ଇନ୍ ଇଣ୍ଡିଆ ଆର୍ ଭୋକାଲ୍ ଫର୍ ଲୋକାଲ୍ ସ୍ୱଦେଶୀ ଦରବ୍ ଉପ୍‌ରେ ଲୋକ୍‌ମାନେ ଭର୍‌ସା କରୁଛନ୍ ବଲି ସେ କହିଛନ୍ ।

ଡେଙ୍ଗୁ, ମେଲେରିଆ ସଚେତନତା ଆର୍‌ଏନ୍‌ୟୁ/ସମ୍ବଲପୁର

ବର୍ଷା ଋତୁଥି ଗାଁ ଆର୍ ସହର୍ ଇଲାକା ନ ଡେଙ୍ଗୁ ଆଉ ମେଲେରିଆ ରୋଗ ବଢ୍‌ବାର୍ ସମ୍ଭାବନା ରହିଛେ । ହେଥିର୍‌ଲାଗି ଆଗୁଆ ସତର୍କ ରହେବାର୍ ସହେତେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ । ଇତାକେ ନେଇକରି ଆଏଜ୍ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍, ବିଦ୍ୟାଳୟ ଆଉ ଗଣଶିକ୍ଷା, ମହିଳା ଆଉ ଶିଶୁବିକାଶ୍, ପାନୀୟଜଳ, ପଂଚାୟତିରାଜ୍ ସହେତେ ସବୁ ଲାଇନ୍ ବିଭାଗ୍‌କେ ଚିଠି ଲେଖିଛନ୍ । ଫି ସ୍ତର୍ ନ ବିଭାଗ୍ ବିଭାଗ୍ ଭିତ୍‌ରେ ସମନ୍ୱୟ

ରଖିକରି ଇ ରୋଗର ପ୍ରତିକାର୍ ଲାଗି ସଚେତନତା ସୃଷ୍ଟି କର୍ବାର୍କେ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-କାର୍ଯ୍ୟାଳୟ        ସୂଚନା ଲୋକସମ୍ପର୍କ ବିଭାଗ୍

ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ ସଶକ୍ତିକରଣ୍, ଶକ୍ତି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍‌ର କାର୍ଯ୍ୟାଳୟ ନ ଆଏଜ୍ ତାଙ୍କର୍ ବିଭାଗୀୟ କାମ୍ ମୁଲ୍ କରିଛନ୍ ।

ଇ ଅବ୍‌ସରେ ଦୁହି ବିଭାଗ୍‌ର ବରିଷ୍ଠ ପଦାଧିକାରୀଙ୍କର୍ ସାଙ୍ଗେ ଶ୍ରୀ ସିଂହଦେଓ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କର୍ବାର୍ ସହେତେ କେତେଟା ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ଥି ଦସ୍ତଖତ୍ କରିଛନ୍ । ବିଭାଗ୍‌କେ ଲୋକାଭିମୁଖୀ କରିକରି ସବୁ କାମ୍ କର୍ବାର୍ ଲାଗି ଶ୍ରୀସିଂହଦେଓ - ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିବାର୍ ସୂଚ୍‌ନା ମିଳିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ମନ୍ତ୍ରୀମଣ୍ଡଲ୍ ଗଠନ୍ ହେବାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର୍ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ କୃଷି ଭବନ୍ ନ ଚାଲୁଥିଲା । ଏତ୍‌କେ ବିଭାଗ୍‌ର ସବୁ କାମ୍ ଲୋକ୍‌ସେବା ଭବନ୍ କାର୍ଯ୍ୟାଳୟ ନ କରାଯିବା ବଲି ଜନାପଡ଼ିଛେ ।

ଡେବ୍ରିଗଡ଼୍ ଅଭୟାରଣ୍ୟ-ମନିଟରିଂ କମିଟି

ଆର୍ଏନ୍ୟୁ/ ସମ୍ବଲପୁର

ଡେବ୍ରିଗଡ଼୍ ଅଭୟାରଣ୍ୟର୍ ଜୈବ ବିବିଧତା, ପରିବେଶ୍ ଆଉ ବନ୍ୟଜନ୍ତୁଙ୍କର୍ ସୁରକ୍ଷା ଲାଗି କେନ୍ଦ୍ର ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଳୟ ୮ ଝନିଆ ତଦାରଖ୍ କମିଟି (ମନିଟରିଂ କମିଟି) ଗଠନ୍ କରିଛନ୍ । ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ପ୍ରସ୍ତାବିତ କମିଟିଥି ବର୍‌ଗଡ଼୍ ଏସ୍.ପି. , ଝନେ ଏନ୍‌ଜିଓ ପ୍ରତିନିଧି, ଜୈବ ବିବିଧତା ଆଉ ପରିବେଶ୍ କ୍ଷେତ୍ରଥି କାମ୍ କରୁଥିବା ଝନେ ବିଶେଷଜ୍ଞ, ଓଡ଼ିଶା ରାଜ୍ୟ ଜୈବ ବିବିଧତା ବୋର୍ଡ଼ର ସଦସ୍ୟ ସଚିବ । କି ଆଉ ଝନେ ସଦସ୍ୟ, ବର୍‌ଗଡ଼୍ ଡିଏଫ୍‌ଓ ଆର୍ ଓଡ଼ିଶା ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ଼ର ଆଂଚଲିକ୍ ଅଧିକାରୀ ସଦସ୍ୟ ରହେବେ । ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ କମିଟିର୍ ସମିତି ସଦସ୍ୟ ଭାବେ କାମ୍ କର୍‌ବେ । ଏନ୍‌ଜିଓ ପ୍ରତିନିଧି ଆର୍ ଜୈବ ବିବିଧତା ବିଶେଷଜ୍ଞଙ୍କୁ ଓଡ଼ିଶା ସର୍‌କାର୍ ୩ ବଛର୍ ଲାଗି

ମନିଟରିଂ କମିଟିକେ ମନୋନୀତ କର୍‌ବେ ବଲି ଗେଜେଟ୍ ବିଜ୍ଞପ୍ତିଥି କୁହାଯାଇଛେ ।

ସାଧାରଣ୍ ବୈଠକ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପରିଷଦ୍ ସମ୍ମିଲନୀ କକ୍ଷ ନ ଆଏଜ୍ ଗୁଟେ ସାଧାରଣ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସମ୍ବଲ୍‌ପୁର୍ ଆର୍ ରେଙ୍ଗାଲି ବିଧାୟକଙ୍କର୍ ସହେତେ ସବୁ ଜିଲ୍ଲା ପରିଷଦ୍ ସଦସ୍ୟ ବ୍ଲକ୍ ଅଧ୍ୟକ୍ଷ ଯୋଗ୍ ଦେଇଥିଲେ । ଇ ବୈଠକ୍‌ଥି ଜିଲ୍ଲାର୍ ଉନ୍ନତି ଆଉ ଆକ୍ସନ୍ ପ୍ଲାନ୍ ନେଇକରି ଆଲୋଚନା ହେଇଛେ । ଶିକ୍ଷା, ସ୍ୱାସ୍ଥ୍ୟ ଆଉ ରାସ୍ତାଘାଟ ମରାମତି ଉପ୍‌ରେ ବିଶେଷ୍‌କରି ଧ୍ୟାନ୍ ଦେବାର୍‌କେ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ବିଶ୍ୱ ଜନସଂଖ୍ୟା ପକ୍ଷ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଜାତୀୟ ସହରାଂଚଲ୍ ସ୍ୱାସ୍ଥ୍ୟ ମିଶନ୍ ଆଉ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ବିଶ୍ୱ ଜନସଂଖ୍ୟା ପକ୍ଷ ପାଲିତ୍ ହେଇଛେ । ଇତାର୍‌ସହେତେ ମେଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା ଆଉ

କୁଷ୍ଟରୋଗର୍ ସର୍ବେକ୍ଷଣ୍ ଅଭିଯାନ୍ ଲାଗି ଗୁଟେ ବୈଠକ୍ ହେଇଯାଇଛେ । ଆଏବା ଅଗଷ୍ଟ ୧୦ ତାରିଖ୍‌ନୁ ୧୯ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ସାମୂହିକ ଔଷଧ ସେବନ ଆଉ ଫାଇଲେରିଆ ନିରାକରଣ୍ ଲାଗି ବାର୍ତା ଦେବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ଜିଲ୍ଲା ଉପଦେଷ୍ଟା କମିଟି ବୈଠକ୍-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବେଆଇନ୍ ଲିଙ୍ଗ ନିରୂପଣ ଲାଗି ଜିଲ୍ଲା ଉପଦେଷ୍ଟା କମିଟି ବୈଠକ୍ ଜିଲ୍ଲାପାଲ୍ ଜେ. ସୋନାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଜିଲ୍ଲା ନ ପିଲାମାନ୍‌କର୍‌ନୁ ଟୁକେଲ୍‌ମାନ୍‌କର୍ ସଂଖ୍ୟା କମୁଥିବାର୍‌ନୁ ସେମାନ୍‌କର୍ ସଂଖ୍ୟା କେନ୍ତା ବଢ଼ାଯାଇପାର୍‌ବା ସେ ବାବ୍‌ଦେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ହାସ୍‌ପାତାଲ୍‌ମାନ୍‌କେ ମାହାଲିଆ ଅଲ୍‌ଟ୍ରାସାଉଣ୍ଡ୍ ଯୁଗେଇଦେବାର୍, ଆଶା ଆଉ ଅଙ୍ଗନବାଡ଼ି କର୍ମୀମାନେ ଘର୍‌କେ ଘର୍ ଯାଇକରି ଦମ୍ପତିମାନ୍‌କୁ ଠିକ୍ ପରାମର୍ଶ ଆଉ ତାଲିକାଭୁକ୍ତ କରାବାର୍ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେଇଛେ ।

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ-ରେଲ୍‌ମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ରାଏଜେ ରେଲ୍‌ପଥର ବିସ୍ତାର୍ ଲାଗି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ସେ ସାମାଜିକ ଗଣମାଧ୍ୟମ୍‌ଥି କହିଛନ୍ ଯେ, ବର୍‌ଗଡ୍ ନୂଆପଡ଼ା ରେଲ୍‌ପଥ ବିସ୍ତାର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ରେଲ୍‌ପ୍ରକଳ୍ପର୍ ଅଗ୍ରଗତି ଆଉ ଜମି ଅଧିଗ୍ରହଣ୍ ଉପ୍‌ରେ ଆଲୋଚନା କରିଛନ୍ । ଇତାର୍‌ସହେତେ ବ୍ରଜରାଜନଗର୍ ଆର୍ ଅଲ୍‌ଗା ରେଲ୍‌ଷ୍ଟେସନ୍ ନ ରେଲ୍‌ରହଣୀ ଆର୍ ବିକାଶ୍ ବାବ୍‌ଦେ ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କର୍ ସଙ୍ଗେ ଦିଲ୍ଲୀ ନ ଆଲୋଚନା କରିଥିବା ଶ୍ରୀ ପୂଜାରୀ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ବାୟୁ ସକ୍ରିୟ ରହିଛେ । ଆଏବା କାଏଲ୍‌ଠାନୁ ରାଏଜେ ବର୍ଷାର୍ ପରିମାଣ୍ ବଢ଼୍‌ବା । ଏନ୍ତାକି କେତେ ଜାଗା ନ ଜବର୍ ବର୍ଷା ହେବା ବଲି ଜନାପଡ଼ିଛେ । ଆଏବା କାଏଲ୍

ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲପୁର୍, ବର୍‌ଗଡ଼୍ ସହେତେ ରାଜ୍ୟର୍ ୭ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଧନ୍ଦି ହେଇକରି ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା ବାଲେଶ୍ୱର୍, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।